# NATIONAL NEWS BULLETIN (ODIA)
## 13th December - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଶୁଭେନ୍ଦୁ କୁମାର ପଣ୍ଡା**

## ମୁଖ୍ୟ ସମ୍ବାଦ

- କୋଇଲା ଲିଙ୍କେଜ୍ ନୀତିରେ ସଂସ୍କାରମୂଳକ ପଦକ୍ଷେପସ୍ୱରୂପ କୋଲ୍-ସେତୁ ନୀତିକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

— ଏହା ଦେଶର ଶକ୍ତି ନିରାପତ୍ତା ବୃଦ୍ଧି କରିବା ସହ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ; କହିଲେ ପ୍ରଧାନମନ୍ତ୍ରୀ ।

- ବେଜିଂଠାରେ ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ବୃଦ୍ଧି କରିବାପାଇଁ ବରିଷ୍ଠ ଅଧିକାରୀସ୍ତରୀୟ ବିସ୍ତୃତ ଆଲୋଚନା ।

— ରପ୍ତାନୀ କ୍ଷେତ୍ରରେ ସୃଷ୍ଟ ସମସ୍ୟାର ସମାଧାନ ପାଇଁ ଫଳପ୍ରଦ ଆଲୋଚନା ହୋଇଥିବା ସୂଚନା ।

- ୮ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକିୟାର ତଦାରଖପାଇଁ ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ନିର୍ବାଚନ ଆୟୋଗ ।

ଏବଂ

- ୨୦୦୧ ସଂସଦ ଆକ୍ରମଣ ଘଟଣାରେ ସହିଦମାନଙ୍କୁ ଆଜି ଦେଶ ଜଣାଉଛି ଶ୍ରଦ୍ଧାଞ୍ଜଳି ।

## କ୍ୟାବିନେଟ୍ - କୋଲ୍ ସେନ୍‌ସସ୍

କେନ୍ଦ୍ର ସରକାର କୋଲ୍-ସେତୁ ନୀତିକୁ ଅନୁମୋଦନ କରିଛନ୍ତି । ଏହାଫଳରେ ବିଭିନ୍ନ ଶିଳ୍ପସଂସ୍ଥାରେ ବ୍ୟବହୃତ ହେଉଥିବା କିମ୍ବା ରପ୍ତାନୀ କରାଯାଉଥିବା କୋଇଲା ନିଲାମୀ ପ୍ରକ୍ରିୟାକୁ ସରଳୀକରଣ କରିବାପାଇଁ ଏକ ନୂତନ ବ୍ୟବସ୍ଥା ସୃଷ୍ଟି ହୋଇଛି, ଯାହାଦ୍ୱାରା ଏହାର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ ହୋଇପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇ ଏହାକୁ ମଞ୍ଜୁରି ମିଳିଛି । ନୂଆଦିଲ୍ଲୀରେ କ୍ୟାବିନେଟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୋଇଲା

ଆବଶ୍ୟକ କରୁଥିବା ଯେକୌଣସି ଘରୋଇ କ୍ରେତା ଏହି ଲିଙ୍କେଜ୍ ନିଲାମରେ ସହଜରେ  ଅଂଶଗ୍ରହଣ କରିପାରିବେ । ଏହି କୋଇଲା ନିଲାମୀ ପାଇଥିବା କମ୍ପାନୀମାନେ ସେମାନଙ୍କ ପରିମାଣର ୫୦ ପ୍ରତିଶତ କୋଇଲା ରପ୍ତାନୀ କରିପାରିବେ ଏବଂ ଆବଶ୍ୟକ ଅନୁସାରେ ଏହାକୁ ଇନ୍ଧନ ଭାବେ ବ୍ୟବହାର କରିପାରିବେ ।

ଦେଶରେ ଆଗାମୀ ୨୦୨୭ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ୍ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୂଆଦିଲ୍ଲୀରେ ଏ ସମ୍ପର୍କରେ ଗଣମାଧ୍ୟମକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୨୭ର ଜନଗଣନା କ୍ରମାନ୍ୱୟରେ ଷୋଡ଼ଶ ଏବଂ ସ୍ୱାଧୀନତା ପରଠାରୁ ଅଷ୍ଟମ ଜନଗଣନା ହେବ । ଭାରତର ଜନଗଣନା ବିଶ୍ୱର ସର୍ବବୃହତ୍ ପ୍ରଶାସନିକ ଏବଂ ତଥ୍ୟଭିତ୍ତିକ କାର୍ଯ୍ୟ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ୨୦୨୬ ଋତୁ ଲାଗି ଶୁଖିଲା ନଡ଼ିଆ - କୋପ୍ରା ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ- ଏମ୍.ଏସ୍.ପି. ୪୪୫ ଟଙ୍କାକୁ ବୃଦ୍ଧି କରି କୁଇଣ୍ଟାଲ୍ ପିଛା ୧୨ ହଜାର ୨୭ ଟଙ୍କା କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଏମ୍.ଏସ୍.ପି. କେବଳ ଉତ୍ତମ ଲାଭ ସୁନିଶ୍ଚିତ କରିବ ନାହିଁ; ବରଂ ଘରୋଇ ଓ ଆନ୍ତର୍ଜାତିକ ସ୍ତରରେ ନଡ଼ିଆ ଚାହିଦା ପୂରଣ କରିବାପାଇଁ ଚାଷୀମାନଙ୍କୁ ଉତ୍ପାଦନ ବୃଦ୍ଧି କରିବାକୁ ପ୍ରୋତ୍ସାହିତ କରିବ ।

***Voice (Baishnav - Copra)*** :........

## ପି.ଏମ୍. - କୋଲ୍ ଆଣ୍ଡ କୋପ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, କୋଲ୍-ସେତୁ ନୀତିକୁ ମଞ୍ଜୁରି ମିଳିବା ଫଳରେ ଦେଶର ଶକ୍ତି ନିରାପତ୍ତା ବୃଦ୍ଧି ପାଇବା ସହ ଦେଶର ଅଭିବୃଦ୍ଧିକୁ ନୂତନ ଗତି ମିଳିପାରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଏହାଫଳରେ କୋଇଲା ରପ୍ତାନୀ ତଥା ଏହାର ଉପଯୋଗ କ୍ଷେତ୍ରରେ ଏକ ନୂତନ ବ୍ୟବସ୍ଥା ସୃଷ୍ଟି ହୋଇପାରିଛି । କୋଇଲା ବ୍ୟବସାୟୀକରଣ ପ୍ରକିୟାକୁ ଏହି ନୀତି ଅଧିକ ସହଜ କରିବା ସହ ଘରୋଇ ତଥା ରପ୍ତାନୀ ଉଭୟ କ୍ଷେତ୍ରରେ ଏହା ଅଧିକ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି ।

ଶୁଖିଲା ନଡ଼ିଆ - କୋପ୍ରାର ସର୍ବନିମ୍ନ ସହାୟକ ମୂଲ୍ୟକୁ ମଞ୍ଜୁରି ପ୍ରଦାନ କରିବା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଫଳରେ ନଡ଼ିଆ ଚାଷୀମାନଙ୍କର ରୋଜଗାର ବୃଦ୍ଧି ପାଇପାରିବ ଏବଂ ଅଧିକ ଉତ୍ପାଦନ କରିବାପାଇଁ ସେମାନଙ୍କୁ ଏହା ଉତ୍ସାହିତ କରିବ । ସମଗ୍ର ଦେଶରେ ଚାଷୀମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଇଣ୍ଡିଆ-ଚୀନ କନ୍ସଲ୍ଟେସନ୍

ଭାରତ ଏବଂ ଚୀନ୍‌ର ବରିଷ୍ଠ ଅଧିକାରୀମାନେ ବେଜିଂଠାରେ ଦ୍ୱିପକ୍ଷୀୟ ସମ୍ପର୍କକୁ ବୃଦ୍ଧି କରିବାପାଇଁ ଆଲୋଚନା କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବିବୃତ୍ତି ଅନୁସାରେ, ମନ୍ତ୍ରଣାଳୟର ପୂର୍ବ-ଏସୀୟ ଡିଭିଜନର ଯୁଗ୍ମ ସଚିବ ସୁଜିତ ଘୋଷଙ୍କ ଦୁଇଦିନିଆ ବେଜିଂ ଗସ୍ତ ଶେଷ ହୋଇଛି । ଏହି ଗସ୍ତକାଳରେ ଶ୍ରୀ ଘୋଷ ଚୀନର ଉପବୈଦେଶିକ ମନ୍ତ୍ରୀ ସନ୍ ୱେଡଙ୍ଗ୍'ଙ୍କ ସହ ଉଭୟ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କକୁ ବୃଦ୍ଧି କରିବାକୁ ବିସ୍ତୃତ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ମଧ୍ୟରେ ହୋଇଥିବା ଆଲୋଚନା ସକାରାତ୍ମକ ଏବଂ ଫଳପ୍ରଦ ହୋଇଚି । ଦୁଇଦେଶର ଶୀର୍ଷ ନେତୃତ୍ୱଙ୍କ ରଣନୈତିକ ଭାଗିଦାରିତା ଉପରେ ଏହି ଆଲୋଚନା କରାଯାଇଛି । ଲୋକକେନ୍ଦ୍ରିୟକ ବିକାଶକୁ ଗୁରୁତ୍ୱ ଦେବା ସହ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ପୁନଃ ସୁଦୃଢ଼ୀକରଣ କରିବାକୁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି । ଆସନ୍ତାବର୍ଷ ପାଇଁ ଉଭୟ ଦେଶ ବିଭିନ୍ନ ନୂତନ ଯୋଜନାର ଆରମ୍ଭ କରିବେ ବୋଲି ସୂଚନା ମିଳିଛି । ରପ୍ତାନୀ କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟାର କିଭଳି ସମାଧାନ କରାଯାଇପାରିବ, ସେ ଦିନଗରେ ଫଳପ୍ରଦ ଆଲୋଚନା ହୋଇଛି ବୋଲି ସୂଚନା ମିଳିଛି । ଆଞ୍ଚଳିକ ତଥା ବୈଶ୍ୱିକ ବିକାଶ ସମ୍ପର୍କରେ ଉଭୟ ଦେଶ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଏହି ଗସ୍ତକାଳରେ ଯୁଗ୍ମ ସଚିବ ଶ୍ରୀ ଘୋଷ ଚୀନ୍ ବାଣିଜ୍ୟ ମନ୍ତ୍ରଣାଳୟର ଏସୀୟ ବ୍ୟାପାର ମହାନିର୍ଦ୍ଦେଶକଙ୍କ

ସହ ଦ୍ୱିପକ୍ଷୀୟ ବାଣିଜ୍ୟ ଓ ବ୍ୟବସାୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

## ପି.ଏମ୍. - ଥ୍ରୀ ନେସନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାରଠାରୁ ୩ଟି ଦେଶ ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ୍ ଗସ୍ତରେ ଯିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ ଡକ୍ଟର ନୀନା ମାଲ୍‌ହୋତ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ଆସନ୍ତା ୧୫ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ କିଙ୍ଗ୍ ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ଜୋର୍ଡ଼ାନ୍ ଗସ୍ତ କରିବେ । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ ବର୍ଷ ପାଳନ ଉପଲକ୍ଷେ ଶ୍ରୀ ମୋଦି ଜୋର୍ଡ଼ାନ୍ ଗସ୍ତ କରୁଥିବା ଜଣାପଡ଼ିଛି । ଭାରତ ଏବଂ ଜୋର୍ଡ଼ାନ୍ ମଧ୍ୟରେ ଥିବା ଅର୍ଥନୈତିକ ସମ୍ପର୍କକୁ ଏହି ଗସ୍ତ ଅଧିକ ସୁଦୃଢ଼ କରିବ ବୋଲି ଡକ୍ଟର ମାଲ୍‌ହୋତ୍ରା ଉଲ୍ଲେଖ କରିବା ସହ ଭାରତର ଜୋର୍ଡ଼ାନ୍ ତୃତୀୟ ବୃହତ୍ ବାଣିଜ୍ୟିକ ଅଂଶୀଦାର ଭାବେ ସେ ସୂଚନା ଦେଇଛନ୍ତି ।

ସେହିପରି ୧୬ରୁ ୧୭ ତାରିଖ ପର୍ଯ୍ୟନ୍ତ ଶ୍ରୀ ମୋଦି ଇଥିଓପିଆ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତକାଳରେ ଭାରତ ଦକ୍ଷିଣ-ଦକ୍ଷିଣ

ସହଯୋଗକୁ ଅଧିକ ସୁଦୃଢ଼ କରିବାପାଇଁ ତା'ର ପ୍ରତିବଦ୍ଧତା ଜାହିର କରିବ ବୋଲି ସେ କହିଛନ୍ତି । ଶ୍ରୀ ମୋଦି ଏହି ସମୟରେ ଇଥିଓପିଆ ପ୍ରତିପକ୍ଷ ଡକ୍ଟର ଅବିୟ ଅହମ୍ମଦ ଅଲିଙ୍କ ସହ ଦ୍ୱିପକ୍ଷୀୟ ଆଲୋଚନା କରିବା ସହ ପ୍ରତିନିଧିମଣ୍ଡଳୀସ୍ତରୀୟ କଥାବାର୍ତ୍ତା କରିବେ ବୋଲି ସୂଚନା ମିଳିଛି ।

ପରେ ତାଙ୍କ ଗସ୍ତର ଚୂଡ଼ାନ୍ତ କାର୍ଯ୍ୟସୂଚୀରେ ପ୍ରଧାନମନ୍ତ୍ରୀ ୧୭ ଓ ୧୮ ତାରିଖରେ ପ୍ରତିନିଧି ମଣ୍ଡଳୀ ସହ ଓମାନ ଗସ୍ତ କରିବେ । ଏହି ଗସ୍ତକାଳରେ ଶ୍ରୀ ମୋଦି ଓମାନ ସହ ଏକ ସ୍ୱତନ୍ତ୍ର ଭାଗିଦାରିତା ସମ୍ପର୍କିତ କଥାବାର୍ତ୍ତା କରିବା ସହ ଉଭୟ ଦେଶ ମଧ୍ୟରେ ଥିବା ବ୍ୟାବସାୟିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବାପାଇଁ ବିଭିନ୍ନ ଚୁକ୍ତିନାମାରେ ସ୍ୱାକ୍ଷରିତ କରିବାର ଆଶା କରାଯାଉଛି ।

## ଇ.ସି. - ଏସ୍.ଆର୍.ଓ.

ନିର୍ବାଚନ ଆୟୋଗ ୮ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାର ତଦାରଖ ପାଇଁ ସ୍ୱତନ୍ତ୍ର ତାଲିକା ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି । ଏହି ରାଜ୍ୟଗୁଡ଼ିକ ହେଲା - ପଶ୍ଚିମବଙ୍ଗ, ତାମିଲ୍‌ନାଡୁ, ଉତ୍ତର ପ୍ରଦେଶ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ । ଆସନ୍ତାବର୍ଷ ଫେବୃୟାରୀ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶିତ ହେବା ପର୍ଯ୍ୟନ୍ତ

ଏହି ପର୍ଯ୍ୟବେକ୍ଷକମାନେ ସମ୍ପୃକ୍ତ ରାଜ୍ୟରେ ସପ୍ତାହରେ ଦୁଇଦିନ ଉପସ୍ଥିତ ରହିବେ । ସମସ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ରାଜ୍ୟ ତଥା ଜିଲ୍ଲାସ୍ତରୀୟ ନେତୃତ୍ୱ ସହିତ ଏହି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ବୈଠକ କରିବେ । ସମଗ୍ର ପ୍ରକ୍ରିୟାକୁ ସୁଗମ ତଥା ସ୍ୱଚ୍ଛ ରଖିବା ସହିତ ଏଥିରେ ସେମାନଙ୍କର ଅଂଶଗ୍ରହଣକୁ ଅଧିକ ବଜାୟ ରଖିବା ଲାଗି ଏହି ପର୍ଯ୍ୟବେକ୍ଷକମାନେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କଦ୍ୱାରା ଆହୂତ ବୈଠକରେ ଯୋଗଦେବେ । ସମଗ୍ର ସଂଶୋଧନ ପ୍ରକ୍ରିୟାର ପର୍ଯ୍ୟବେକ୍ଷଣ କରିବା ସହିତ କୌଣସି ଯୋଗ୍ୟ ଭୋଟର୍ ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି କିମ୍ବା କୌଣସି ଅଯୋଗ୍ୟ ବ୍ୟକ୍ତି ଯେଭଳି ଭୋଟର ତାଲିକାରେ ସାମିଲ ହୋଇ ନ ପାରନ୍ତି, ତାହା ସୁନିଶ୍ଚିତ କରିବା ହେଉଛି ଏହି ପର୍ଯ୍ୟବେକ୍ଷକମାନଙ୍କର କାର୍ଯ୍ୟ ବୋଲି ଆୟୋଗ କହିଛନ୍ତି ।

## ପାର୍ଲାମେଣ୍ଟ ଆଟାକ୍ ଆନିଭର୍ସାରୀ

ଦେଶ’ ୨୦୦୧ ମସିହା ଆଜିର ଦିନରେ ସଂସଦ ଉପରେ ସଙ୍ଘଟିତ ଆତଙ୍କବାଦୀ ଆକ୍ରମଣରେ ସହିଦ୍ ହୋଇଥିବା ସୁରକ୍ଷା କର୍ମୀଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଜଣାଉଛି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍,

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଓ ସଂସଦର ସଦସ୍ୟମାନେ ସଂସଦ ଭବନ ପରିସରରେ ସହିଦମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ଡିଫେନ୍ସ ସେକ୍ରଟୋରୀ

ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରତିରକ୍ଷା ଉତ୍ପାଦ ସଚିବ ସଞ୍ଜୀବ କୁମାର ପ୍ରତିରକ୍ଷା ସାମଗ୍ରୀଗୁଡ଼ିକ ଉତ୍ପାଦନ କରିବାପାଇଁ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ନିୟନ୍ତ୍ରକ ଓ ହିସାବ ମହାନିରୀକ୍ଷକ ବିଭାଗ ଦ୍ୱାରା ଆୟୋଜିତ ଏକ ସେମିନାର୍‌ରେ ଯୋଗଦେଇ ସେ ଏହା କହିଛନ୍ତି । ପ୍ରତିରକ୍ଷା କ୍ଷେତ୍ର ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ପ୍ରସଙ୍ଗ ଉପରେ ଆଲୋଚନା କରି ଶ୍ରୀ କୁମାର କହିଛନ୍ତି, ଦେଶରେ 'ଶ୍ରୀଜନ ଯୋଜନା'ରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତିରକ୍ଷା ସାମଗ୍ରୀଗୁଡ଼ିକର ବିକାଶ କରାଯାଇପାରିବ । ଏଥିରେ ସ୍ୱଚ୍ଛତା ଆଣିବାପାଇଁ ଅଡ଼ିଟ୍ ସଂସ୍ଥାଗୁଡ଼ିକର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରତିରକ୍ଷା ସଚିବ ଗୁରୁତ୍ୱାରୋପ କରିଛନ୍ତି ।

# କମ୍ୟୁନିକେସନ୍ - ଏମ୍.ଓ.ୟୁ.

ନୂଆଦିଲ୍ଲୀରେ ଡାକ ବିଭାଗର କର୍ମଚାରୀମାନଙ୍କୁ ମ୍ୟୁଚୁଆଲ୍ ଫଣ୍ଡ ବିତରକ ଭାବେ ତାଲିମ ଦେବାପାଇଁ ଯୋଗାଯୋଗ ମନ୍ତ୍ରଣାଳୟ ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ତାଲିମପ୍ରାପ୍ତ ଡାକ କର୍ମଚାରୀମାନେ ପ୍ଲାଟ୍‌ଫର୍ମ ମାଧ୍ୟମରେ ନିବେଶକ ସେବା ପ୍ରଦାନ କରିପାରିବେ, ଯାହାଦ୍ୱାରା ମ୍ୟୁଚୁଆଲ୍ ଫଣ୍ଡ କାରବାର ସହଜ ହୋଇପାରିବ । ଏହି ପଦକ୍ଷେପ ଫଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସୁଦୃଢ଼ ହେବାସହ ଦେଶବ୍ୟାପୀ ନିବେଶ ଉତ୍ପାଦଗୁଡ଼ିକର ବିସ୍ତାର ହୋଇପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହାଫଳରେ ଗ୍ରାମୀଣ, ଛୋଟ ସହର ଏବଂ ଅନୁନ୍ନତ ଅଞ୍ଚଳରେ ଆର୍ଥିକ କାରବାର ବୃଦ୍ଧି ପାଇପାରିବ । ଦେଶର ସର୍ବବୃହତ ମ୍ୟୁଚୁଆଲ୍ ଫଣ୍ଡ ବିତରଣ ପ୍ଲାଟ୍‌ଫର୍ମ ସହିତ ଏହି ସହଯୋଗ ବୃଦ୍ଧି ହୋଇପାରିବ । ଏହାଦ୍ୱାରା ଆର୍ଥିକ ବଜାରରେ ଗ୍ରାହକମାନେ ଅଂଶଗ୍ରହଣ କରିପାରିବେ ବୋଲି ମନ୍ତ୍ରଣାଳୟ ଆଶା ପ୍ରକଟ କରିଛି । ଏହି ବୁଝାମଣାପତ୍ର ୩ ବର୍ଷପାଇଁ ସ୍ୱାକ୍ଷରିତ କରାଯାଇଛି ।

*****